# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**24 August – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଦେଶର ଅର୍ଥବ୍ୟବସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛି, କହିଲେ ରାଜ୍ୟପାଳ
- ସଫଳତାର ସହ ସମ୍ପନ୍ନ ହେଲା ସମନ୍ୱିତ ବାୟୁ ପ୍ରତିରକ୍ଷା ଅସ୍ତ୍ର ପ୍ରଣାଳୀର ପ୍ରଥମ ଉଡାଣ ପରୀକ୍ଷଣ
- 'ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ' ଆସନ୍ତାକାଲି ଭୁବନେଶ୍ୱରରେ ହେବ ଅନୁଷ୍ଠିତ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିରହିଛି ବର୍ଷା; ପ୍ରମୁଖ ନଦୀଗୁଡ଼ିକରେ ବୃଦ୍ଧି ପାଉଛି ଜଳସ୍ତର

## ପ୍ରତିଷ୍ଠା ଦିବସ

କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଭାରତୀୟ ଅର୍ଥବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସହ ଗ୍ରାମୀଣ ଜୀବିକା ନିର୍ବାହରେ ସହାୟକ ହୋଇଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ - ଓ.ୟୁ.ଏ.ଟି.ର ୬୪ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, କୃଷି ଗ୍ରାମୀଣ ଭାରତର ମେରୁଦଣ୍ଡ। ଭାରତର ସଂସ୍କୃତି ଏବଂ ଐତିହ୍ୟକୁ କୃଷି ଦୃଢ଼ ଭାବେ ପ୍ରଭାବିତ କରିଥାଏ। କୃଷି ବିଶ୍ୱବିଦ୍ୟାଳୟରେ ଜ୍ଞାନ ଆଧାର ବିକଶିତ କରିବା, ଉତ୍ତମ ବୈଷୟିକ ଜ୍ଞାନ ସହିତ କୁଶଳୀ ମାନବ ସମ୍ବଳ ସୃଷ୍ଟି ଏବଂ ଉତ୍ପାଦକତା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ବିକଶିତ ଭାରତର ପରିକଳ୍ପନାକୁ ସଫଳ କରିବା ପାଇଁ ନିଯୁକ୍ତିଦାତା ହେବାପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।  କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଆରଡିଓ

ସମନ୍ୱିତ ବାୟୁ ପ୍ରତିରକ୍ଷା ଅସ୍ତ୍ର ପ୍ରଣାଳୀ-ଆଇ.ଏ.ଡି.ଡବ୍ଲ୍ୟୁ.ଏସ'ର ପ୍ରଥମ ଉଡାଣ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ-ଡିଆରଡିଓ ପକ୍ଷରୁ ଗତକାଲି ଓଡ଼ିଶା ଉପକୂଳରେ ଏହାର ପରୀକ୍ଷଣ କରାଯାଇଛି।  ପରୀକ୍ଷଣ ସମୟରେ ୨ଟି ଦ୍ରୁତଗାମୀ ଫିକ୍ସଡ୍ ୱିଙ୍ଗ୍

ମାନବବିହୀନ ବାୟୁଯାନ ଏବଂ ଏକ ମଲ୍ଟିକପ୍ଟର ଡ୍ରୋନ୍ ସମେତ ୩ଟି ଭିନ୍ନ ଭିନ୍ନ ଲକ୍ଷ୍ୟସ୍ଥଳିକୁ ଏହି ଅସ୍ତ୍ର ପ୍ରଣାଳୀ ସଠିକ୍ ଭାବରେ ଲକ୍ଷ୍ୟଭେଦ କରିପାରିଥିଲା। ପରୀକ୍ଷଣ ସମୟରେ  ଡିଆରଡିଓର ବରିଷ୍ଠ ବୈଜ୍ଞାନିକ ଓ ସଶସ୍ତ୍ରବାହିନୀର ପ୍ରତିନିଧି ଉପସ୍ଥିତ ଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ସଫଳ ପରୀକ୍ଷଣ ପାଇଁ ଡିଆରଡିଓ ଏବଂ ଅନ୍ୟ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶର ବହୁସ୍ତରୀୟ ବାୟୁ ପ୍ରତିରକ୍ଷା କ୍ଷମତାକୁ ଏହା ବୃଦ୍ଧି କରିବା ସହ ଶତ୍ରୁ ପକ୍ଷରୁ ଆକାଶମାର୍ଗରେ ବିପଦକୁ ପ୍ରତିହତ କରିବାରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି।

## ବିମାନ ଚଳାଚଳ ସମ୍ମିଳନୀ

ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ ଆସନ୍ତାକାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ,  ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇ ପୂର୍ବ ଭାରତରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଥିବା ସୁଯୋଗ ଏବଂ ଆହ୍ୱାନ ସମ୍ପର୍କରେ ଆଲୋଚନା କରିବେ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁଙ୍କ ସହ ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ କେନ୍ଦ୍ରଶାସିତ ଅଂଚଳ ସମେତ ଓଡ଼ିଶାର ବିମାନ ଚଳାଚଳ ପ୍ରତିନିଧିମାନେ ସମ୍ମିଳନୀରେ ଉପସ୍ଥିତ ରହିବେ।

# ପିଏମ୍-ପ୍ରକାଶ ପର୍ବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ଗୁରୁଗ୍ରନ୍ଥ ସାହେବ ଜୀଙ୍କ ପ୍ରକାଶ ପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ଶ୍ରୀ ଗୁରୁଗ୍ରନ୍ଥ ସାହେବ ଜୀଙ୍କ କାଳଜୟୀ ଶିକ୍ଷା ସମସ୍ତଙ୍କ ଜୀବନକୁ ଆଲୋକିତ କରୁଛି । କରୁଣା, ନମ୍ରତା ଏବଂ ସେବାର ମୂଲ୍ୟବୋଧକୁ ଏହା ସ୍ମରଣ କରାଇ ଦିଏ। ଶିକ୍ଷା ମାନବତାକୁ ଏକତା ଏବଂ ସଦ୍‌ଭାବନାର ଦୃଢ଼ତ୍ୱ ପାଇଁ ପ୍ରେରଣାର ଉତ୍ସ ହୋଇଥାଏ ବୋଲି ଶ୍ରୀ ମୋଦୀ କହିଛନ୍ତି । ଶ୍ରୀ ଗୁରୁଗ୍ରନ୍ଥ ସାହେବ ଜୀଙ୍କ ଦ୍ୱାରା ପ୍ରଦର୍ଶିତ ଜ୍ଞାନ ତଥା ମାର୍ଗକୁ ଅନୁସରଣ କରିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ଦାବାଗ୍ନି ଲୀଳା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ପବିତ୍ର ଦାବାଗ୍ନି ଲୀଳା ଅନୁଷ୍ଠିତ ହେବ। ଜନ୍ମାଷ୍ଟମୀ ପରଠାରୁ ଶ୍ରୀମନ୍ଦିରରେ ଚାଲି ଆସୁଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଆଜି ସନ୍ଧ୍ୟା ଧୂପ ପରେ ଏହି ସ୍ୱତନ୍ତ୍ର ନୀତି ନାଟମଣ୍ଡପରେ ଅନୁଷ୍ଠିତ ହେବ। ମହାଜନ ସେବକଙ୍କ ଦ୍ୱାରା ରାମକୃଷ୍ଣ ଆଜ୍ଞାମାଳ ପାଇ ଦକ୍ଷିଣୀଘରୁ ରତ୍ନ ସିଂହାସନରୁ ନାଟ ମଣ୍ଡପରେ ବିଜେ କରିବେ। ଧୂପଦୀପ ନୈବେଦ୍ୟ ପରେ ମାଟି ମଣ୍ଡପ ସାହି ଆଖଡାରୁ ଦାବାଗ୍ନି ରାକ୍ଷାସ ନୀତି ଅନୁଷ୍ଠିତ ହେବ।

## ସହିଦ୍ ସ୍ମୃତି ଦିବସ

**ନବରଙ୍ଗପୁର** ଜିଲ୍ଲାର ପାପଡାହାଣ୍ଡିଠାରେ ସହିଦ୍ ସ୍ମୃତି ଦିବସ ପାଳନ ଅବସରରେ ସହିଦ୍ ସ୍ମୃତି କମିଟି ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ବାହାରି

ପାପଡାହାଣ୍ଡି ସହିଦ ସ୍ମୃତି ମିନାରଠାରେ ପହଞ୍ଚିଥିଲା । ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ତୂରି ନଦୀଠାରେ ସହିଦ୍‌ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହାପରେ ନୀରବ ପ୍ରାର୍ଥନା ସହ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଜିଲ୍ଲାର ବିଧାୟକମାନେ ଉପସ୍ଥିତ ଥିଲେ । ଗୁଳିକାଣ୍ଡରେ ସହିଦ ହୋଇଥିବା ପରିବାରବର୍ଗଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ରକ୍ତତୀର୍ଥ ପାପଡାହାଣ୍ଡିର ସହିଦମାନଙ୍କ ସ୍ମୃତିରେ ଭୁବନେଶ୍ୱରର ଜୟଦେବ ଭବନଠାରେ ସନ୍ଧ୍ୟା ୬ଟାରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ସମାରୋହ ଅନୁଷ୍ଠିତ ହେବ ।

## ଆକାଶ ପଡିଆମୀ

ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଦ୍ୱାରା ଅସମ୍ଭବ କାର୍ଯ୍ୟକୁ କିପରି ସମ୍ଭବରେ ପରିଣତ କରିହୁଏ, ଏହାକୁ ପ୍ରତିପାଦନ କରି ଦେଖାଇଛନ୍ତି, **ମାଲକାନଗିରି** ଜିଲ୍ଲାର ଆଦିବାସୀ ଯୁବକ ଆକାଶ ପଡିଆମୀ । କୋଇଆ ସମ୍ପ୍ରଦାୟର ଆକାଶ ସ୍ୱଳ୍ପ ଦୃଷ୍ଟିହୀନ ଯୁବକ ଭାବେ ଜାତୀୟ ସ୍ତରରେ ଫୁଟବଲ୍ ଖେଳରେ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

ସଂଘର୍ଷ ଦ୍ୱାରା ସଫଳତା ପ୍ରାପ୍ତି ହୋଇଥାଏ। ଏହାର ନିଚ୍ଛକ ଉଦାହରଣ ହେଉଛନ୍ତି, ମାଲକାନଗିରି ଜିଲ୍ଲା ଗୋରାଖୁଣ୍ଟା ପଂଚାୟତ କୁସୁବାଡା ଗ୍ରାମର ଦୁଲା ପଡିଆମୀଙ୍କ ପୁଅ ଆକାଶ ପଡିଆମୀ। କୁସୁବାଡା ଓ ମାରିଓ୍ୱାଡାରେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିବା ଆକାଶ ରାୟଗଡ଼ା ହାଟମୁନିଗୁଡ଼ାର ରାମକୃଷ୍ଣ ମିଶନ ଆଶ୍ରମ ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିଲେ। ପରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ତିନି ପଢ଼ା ଶେଷ କରିଛନ୍ତି। ପିଲାଟି ଦିନରୁ ଫୁଟବଲ୍ ଓ କ୍ରିକେଟ ପ୍ରତି ରୁଚି ରଖୁଥିବା ଆକାଶ ପ୍ରତ୍ୟେକ କ୍ରୀଡାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି।

ଦୃଷ୍ଟିହୀନ ଫୁଟବଲ୍ ଆସୋସିଏସନ୍‌ର କ୍ରୀଡାବିତ୍ ଆଶିଷ୍ କୁମାର ସାହୁ ଏବଂ ଓଡ଼ିଶା ଦୃଷ୍ଟିହୀନ ଫୁଟ୍‌ବଲ୍ ଆସୋସିଏସନ୍‌ର ଅଧ୍ୟକ୍ଷ ତ୍ରିଲୋଚନ ବେହେରାଙ୍କଠାରୁ ଆଶିଷ୍ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ୨୦୨୩ ମସିହାରେ ରାଜ୍ୟସ୍ତରୀୟ ଇଣ୍ଡିଆନ୍ ବ୍ଲାଇଣ୍ଡ୍ ଫୁଟବଲ୍ ଫେଡେରେସନ୍‌ରେ ଓଡ଼ିଶା ଦଳ ପକ୍ଷରୁ ପ୍ରଥମ ଥର ପାଇଁ ଆଶିଷ୍ ଖେଳିବାକୁ ସୁଯୋଗ ପାଇଥିଲେ। ବିଭିନ୍ନ ସ୍ଥାନରେ ଆୟୋଜିତ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜିଲ୍ଲା ଓ ରାଜ୍ୟ ପାଇଁ ଆଶିଷ ସୁନାମ ଅର୍ଜନ କରି ଗୌରବ ଆଣିଛନ୍ତି।

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ୨୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

ଉପରମୁଣ୍ଡରେ ପ୍ରବଳ ବର୍ଷାଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୧ ଦଶମିକ ୭/୩ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୧୧ ହଜାର ୭୮୩ ଘନଫୁଟ ଜଳ ପ୍ରବେଶ କରୁଛି। ସେହି ସମୟ ମଧ୍ୟରେ ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ୨ ଲକ୍ଷ ୨୪ ହଜାର ୬୬୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ **ଚନ୍ଦ୍ରଶେଖର ପାଢ଼ୀ** ପ୍ରତିକ୍ରିୟାରେ କହନ୍ତି....

**- V/O -**

ଭବିଷ୍ୟତରେ ଆଇ.ବି.ଏସ୍.ଏ ନେସନ୍ସ କପ୍ ଏବଂ ଆଇ.ବି.ଏସ୍.ଏ ଏସିଆ-ଓସେନିଆ ଡିଭିଜନ-୨ ବ୍ଲାଇଣ୍ଡ ଫୁଟବଲ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଆକାଶବାଣୀକୁ ପ୍ରତିକ୍ରିୟାରେ **ଆକାଶ ପଡିଆମୀ** କହନ୍ତି....

**- V/O -**

ଆକାଶଙ୍କ ସଫଳତା ଜିଲ୍ଲା ଏବଂ ରାଜ୍ୟ ପାଇଁ ଗୌରବ ଆଣି ଦେଇଛି। ଭବିଷ୍ୟତରେ ଆକାଶ ସଫଳତାର ଶୀର୍ଷରେ ପହଞ୍ଚନ୍ତୁ ଏତିକି ହିଁ କାମନା।

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମାଲକାନଗିରି ସମ୍ବାଦଦାତା ଦୁର୍ଗାପ୍ରସାଦ ପଟ୍ଟନାୟକଙ୍କ ସହ ମୁଁ ସ୍ମୃତିରେଖା ତାରେଣିଆ*

**ଜଳସ୍ତର**

ଭଦ୍ରକ ଜିଲ୍ଲା ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଅପରାହ୍ଣ ଗୋଟାଏ ବେଳେ ଜଳସ୍ତର ୧୮ ଦଶମିକ ୪/୮ ମିଟର ରହିଥିଲା। ସେଠାରେ ବିପଦସଂକେତ ହେଉଛି ୧୮ ଦଶମିକ ୩/୩ ମିଟର। ଜଳସ୍ତର ବୃଦ୍ଧି ଯୋଗୁଁ ଜିଲ୍ଲାର ଭଣ୍ଡାରିପୋଖରି ଏବଂ ଧାମନଗର ବ୍ଲକର କେତେକ ତଳିଆ ଅଂଚଳ ଜଳମଗ୍ନ ହୋଇଥିବା ଜଣାପଡିଛି।